# ପ୍ରଭାତ

ପୂରୁବ ଗଗନେ ସୂରୁଜ ଦେବତା
ଉଇଁଲେଣି ବିଞ୍ଚି କିରଣ ଜାଳ
କଅଁଳ କଅଁଳ ନାଲି ମୁହୁଁରେ
ଗାଆଁ ଦାଣ୍ଡ ସାଜେ କେଡେ ଉଜ୍ଜଳ

ସଅଳ ସଅଳ ଶେଯ୍ୟ ଉଠି ଚଷା
ହଳ ଯୋଚି ହେଲା ଘରୁ ବାହାର
କୁନି କୁନି ଆଖି ମେଲି ନୀଳ କଇଁ
ଗଭାରେ ମଣ୍ଡିଛି ମୁକ୍ତା ନୀହାର

କଅଁଳ କଅଁଳ ବଧୂଲି ଅଧରୁ
ଅଳପ ଅଳପ ହସ ପସରା
ଗୋରା ଦେହ ତାର କନକ ଚମ୍ପା
ପ୍ରିୟରେ ଦିଅଇ ପ୍ରୀତି ଇସାରା

ଦେବା ଦେବୀଙ୍କର ଅମୃତ ମାଜଣା
ଶୁଭଇ ମନ୍ଦିରୁ ଘଣ୍ଟା କାହାଳୀ
ମାଆ ସଜବାଜ କଲେଣି ବାବୁରେ
ସଅଳ ସଅଳ ଯିବ ଚାହାଳି

କଅଁଳ କଅଁଳ ଶାଗୁଆ ଘାସରେ
ସକାଳ କାକର ମୁକୁତା ସମ
ପ୍ରତେ ହୁଏ ସତେ ମୁକୁତା ମାଳାକି
ନାଇଁଛି ହୃଦୟେ ଜନନୀ ମମ

କାଚ କେନ୍ଦୁ ଜଳ ପୁଷ୍କରିଣୀ ଘାଟେ
ସ୍ନାନେ ରତ ପଲ୍ଲୀବାଳା ହରଷେ
ପୋଖରୀ ତୁଠର ମାଜଣା ପଥର
ଲଭଇ ପବିତ୍ର ପାଦ ପରଶେ

ତୁଳସୀ ସ୍ତବକ ବାସ ଚହଟାଏ
ନବ କିଶଳୟ ହେଲେ ବାହାର
ପ୍ରଭାତ ଦିବସ ସୂଚୀ ଦାତା ସିନା
ମାନବର ସୂଚୀ ବାଳ କୈଶୋର

ଯେସନେ ଋତୁରାଜ ପଲ୍ଲବେ ଶ୍ୟାମ
ବୃକ୍ଷ ଲତା ପାଟଳ ଶ୍ରୀଧରା ଧାମ
ପ୍ରଭାତ ସମୀରଣ ନବ ଜୀବନ
ଦାନେ ଜଗାଏ ହୃଦେ ପରମ ପ୍ରେମ ❐

